ୟୁ. ପି. ରାଜ୍ୟ ଇତ୍ୟାଦି

ବନାମ

ମାଧୋ କୁମାର ସ୍ୱରୂପ ଏବଂ ଅନ୍ୟମାନେ ଇତ୍ୟାଦି

ଡିସେମ୍ବର 14, 1995

[କେ. ରାମାସ୍ୱାମୀ ଏବଂ ବି.ଏଲ. ହଂସାରିଆ, ନ୍ୟାୟମୂର୍ତ୍ତିଦ୍ୱୟ]

*ୟୁ.ପି. ଭୂମି ଧାରଣ ଉପରେ ସୀମା ଲାଗୁ ( ସଂଶୋଧନ ) ଅଧିନିୟମ, 1972- ଧାରା 19- ଅସ୍ଥାୟୀ ବ୍ୟବସ୍ଥା- ଅତିରିକ୍ତ ଜମି ନିର୍ଦ୍ଧାରଣ- ୟୁ.ପି. ଭୂମି ଧାରଣ ଉପରେ ସୀମା ଲାଗୁ (ସଂଶୋଧନ) ଅଧିନିୟମ ଅଧୀନରେ ବିଚାରାଧୀନ କାର୍ଯ୍ୟାନୁଷ୍ଠାନ- ସଂଶୋଧନ ହେବାପରେ, ଅଧିନିୟମ ବଳବତ୍ତର ହେବା- ଅତିରିକ୍ତ ଜମି ନିର୍ଦ୍ଧାରଣ ଏବଂ ତାହାର ପୁନଃ ନିର୍ଦ୍ଧାରଣ ପାଇଁ କାର୍ଯ୍ୟାନୁଷ୍ଠାନର ସମାପ୍ତି ।*

**ୟୁ.ପି. ଭୂମି ଧାରଣ ଉପରେ ସୀମା ଲାଗୁ (ସଂଶୋଧନ) ଅଧିନିୟମର ଧାରା 10 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା ଏବଂ ସୀମା କ୍ଷେତ୍ର ନିର୍ଦ୍ଧାରଣ କରାଯାଇଥିଲା । ପ୍ରତିବାଦୀଙ୍କ ଦ୍ୱାରା ରଖାଯିବାକୁ ଆବଶ୍ୟକ ଥିବା ସୀମା କ୍ଷେତ୍ରର ପରିମାଣ ଏବଂ ରାଜ୍ୟରେ ନିହିତ ଥିବା ବଳକା ଜମିକୁ ନେଇ ବିବାଦ ଉପୁଜିବାରୁ ରାଜ୍ୟ ଏବଂ ବିହିତ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ବିରୁଦ୍ଧରେ ପୀଡିତ ବ୍ୟକ୍ତି ଏହି ଆବେଦନଗୁଡ଼ିକ ଦାଖଲ କରିଥିଲେ ।**

**ଏହି ଆବେଦନଗୁଡ଼ିକୁ ଖାରଜ କରି, ଏହି ନ୍ୟାୟାଳୟ**

**କହିଲେ: ଏହି ଆବେଦନଗୁଡ଼ିକ ଦାଖଲ ହେବା ପୂର୍ବରୁ ମଧ୍ୟ, ୟୁ.ପି. ଜମି ଧାରଣ ଉପରେ ସୀମା ଲାଗୁ (ସଂଶୋଧନ) ଅଧିନିୟମ, 1972 8.6.1973 ରୁ ଲାଗୁ ହୋଇଥିଲା । ସଂଶୋଧନ ଅଧିନିୟମର ଧାରା 19 ଅନୁସାରେ, ସଂଶୋଧନ ଅଧିନିୟମ ଆରମ୍ଭ ହେବା ସମୟରେ ଯେ କୌଣସି ନ୍ୟାୟାଳୟ କିମ୍ବା କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ବିଚାରାଧୀନ ଥିବା ମୁଖ୍ୟ ଅଧିନିୟମର ଧାରା 9 ରୁ 13, 30 ଅଧୀନରେ ଅତିରିକ୍ତ ଜମି ନିର୍ଦ୍ଧାରଣ ପାଇଁ ସମସ୍ତ କାର୍ଯ୍ୟାନୁଷ୍ଠାନ ସମାପ୍ତ ହେବ । ଏହା ପରେ, ସଂଶୋଧନ ଅଧିନିୟମ ଅନୁଯାୟୀ ସୀମା କ୍ଷେତ୍ର ପୁନଃ ନିର୍ଦ୍ଧାରଣ କରାଯିବା ଉଚିତ । ଉକ୍ତ *ପ୍ରାବଧାନ* ସୀମା କ୍ଷେତ୍ର ନିର୍ଦ୍ଧାରଣ ଏବଂ ଏହା କିପରି କରାଯିବା ଆବଶ୍ୟକ ସେଥି ପାଇଁ ପ୍ରକ୍ରିୟା ପ୍ରଦାନ କରେ ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 1042/1977 ଇତ୍ୟାଦି।

ଏସ. ଏ. ସଂଖ୍ୟା 207/1974 ରେ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟର ତା 12.04.76 ରିଖର ରାୟ ତଥା ଆଦେଶରୁ ।

ଆବେଦନକାରୀମାନଙ୍କ ପକ୍ଷରୁ ସତୀଶ ଚନ୍ଦ୍ର ଏବଂ ଟି.ଏଲ. ଗର୍ଗ ।

ପ୍ରତିବାଦୀ/ରାଜ୍ୟଙ୍କ ପକ୍ଷରୁ ଏ.ବି. ରୋହତାଗୀ ଏବଂ ଏକେ ଶ୍ରୀବାସ୍ତବ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ରାଜ୍ୟ ଏବଂ ବିହିତ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ବିରୁଦ୍ଧରେ ବ୍ୟଥିତ ବ୍ୟକ୍ତିମାନେ ପରିଶେଷେ ଏହି ଆବେଦନରେ ଏହି ନ୍ୟାୟାଳୟକୁ ଆସିଥିବାରୁ, ଏକକ ରାୟ ଦ୍ୱାରା ଉଭୟ ଆବେଦନର ଫଏସଲା କରାଯାଇଛି ।

ସମସ୍ତ ତଥ୍ୟକୁ ବିସ୍ତୃତ ରୂପେ ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ । ଏହା କହିବା ଯଥେଷ୍ଟ ଯେ ୟୁ.ପି. ଭୂମି ଧାରଣ ଉପରେ ସୀମା ଲାଗୁ (ସଂଶୋଧନ) ଅଧିନିୟମ, 1960 (ସଂକ୍ଷେପରେ, 'ମୁଖ୍ୟ ଅଧିନିୟମ') ର ଧାରା 10 ଅଧୀନରେ, କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା ଏବଂ ସୀମା କ୍ଷେତ୍ର ନିର୍ଦ୍ଧାରଣ କରାଯାଇଥିଲା । ତା'

ଉପରେ ପ୍ରତିବାଦୀଙ୍କ ଦ୍ୱାରା ରଖାଯିବାକୁ ଆବଶ୍ୟକ ଥିବା ସୀମା କ୍ଷେତ୍ରର ପରିମାଣ ଏବଂ ରାଜ୍ୟରେ ନିହିତ ଥିବା ଅତିରିକ୍ତ ଜମିର ବିବାଦ ଉପୁଜିଛି, ଯାହା ଏହି ନ୍ୟାୟାଳୟରେ ଆବେଦନର ବିଷୟାଭୁକ୍ତ ଅଟେ ।

ସେମାନଙ୍କ ଦାଖଲ ପୂର୍ବରୁ, ଭୂମି ଧାରଣ ଉପରେ ସୀମା ଲାଗୁ (ସଂଶୋଧନ) ଅଧିନିୟମ, 1972 (1973 ର 18 ଅଧିନିୟମ) (ସଂକ୍ଷେପରେ, 'ସଂଶୋଧନ ଅଧିନିୟମ'), 8 ଜୁନ, 1973 ରୁ କାର୍ଯ୍ୟକାରୀ ହୋଇଥିଲା । ସଂଶୋଧନ ଅଧିନିୟମର ଧାରା 19 ଏହିପରି ବ୍ୟବସ୍ଥା ପ୍ରଦାନ କରେ:

> "19. ଅସ୍ଥାୟୀ ବ୍ୟବସ୍ଥା- (1) ଏହି ଅଧିନିୟମର ଆରମ୍ଭ ସମୟରେ ଯେ କୌଣସି ନ୍ୟାୟାଳୟ କିମ୍ବା କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ବିଚାରାଧୀନ ଥିବା ମୁଖ୍ୟ ଅଧିନିୟମର ଧାରା 9, ଧାରା 10, ଧାରା 11, ଧାରା 12, ଧାରା 13 କିମ୍ବା ଧାରା 30 ଅଧୀନରେ ଅତିରିକ୍ତ ଜମି ନିର୍ଦ୍ଧାରଣ ପାଇଁ ସମସ୍ତ କାର୍ଯ୍ୟଧାରା ସମାପ୍ତ ହେବ ଏବଂ ବିହିତ କର୍ତ୍ତୃପକ୍ଷ ଏହି ଅଧିନିୟମ ଦ୍ୱାରା ସଂଯୋଜିତ ସେହି ଅଧିନିୟମର ଧାରା 9 ର ଉପ-ଧାରା (2) ଅନୁଯାୟୀ ଏକ ନୋଟିସ ଜାରି କରି ନୂତନ ଭାବରେ ସେହି ଅଧିନିୟମ ଅନୁଯାୟୀ ସୀମା କ୍ଷେତ୍ର ନିର୍ଣ୍ଣୟ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବେ:
>
> କିନ୍ତୁ ଏପରି କ୍ଷେତ୍ରରେ ସୀମା କ୍ଷେତ୍ର ନିମ୍ନଲିଖିତ ପ୍ରକ୍ରିୟାରେ ନିର୍ଦ୍ଧାରଣ କରାଯିବ ---
>
> (a) ପ୍ରଥମତଃ, ଏହି ଅଧିନିୟମ ଦ୍ୱାରା ସଂଶୋଧନ ପୂର୍ବରୁ ଥିବା ମୁଖ୍ୟ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ସୀମା କ୍ଷେତ୍ର ନିର୍ଦ୍ଧାରଣ କରାଯିବ;
>
> (b) ଏହା ପରେ, ଏହି ଅଧିନିୟମ ଦ୍ୱାରା ସଂଶୋଧିତ ମୁଖ୍ୟ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ସୀମା କ୍ଷେତ୍ର ପୁନଃ ନିର୍ଦ୍ଧାରଣ କରାଯିବ ।

ଏହାର ଉପଧାରା (2) ଏହି ମାମଲାଗୁଡ଼ିକର ଉଦ୍ଦେଶ୍ୟ ପାଇଁ ଉପାଦେୟ ତଥ୍ୟ ନୁହେଁ, ତେଣୁ ତାହାକୁ ବାଦ ଦିଆଯାଇଛି ।

ଏହାର ଏକ ପଠନ ଦର୍ଶାଇବ ଯେ ସଂଶୋଧନ ଅଧିନିୟମ ଆରମ୍ଭ ହେବା ସମୟରେ ଯେ କୌଣସି ନ୍ୟାୟାଳୟ କିମ୍ବା କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ବିଚାରାଧୀନ ଥିବା ମୁଖ୍ୟ ଅଧିନିୟମର ଧାରା 9 ରୁ 13, 30 ଅଧୀନରେ ଅତିରିକ୍ତ ଜମି ନିର୍ଦ୍ଧାରଣ ପାଇଁ ସମସ୍ତ କାର୍ଯ୍ୟାନୁଷ୍ଠାନ ସମାପ୍ତ ହେବ ଏବଂ ବିହିତ କର୍ତ୍ତୃପକ୍ଷ ମୁଖ୍ୟ ଅଧିନିୟମ ଅନୁଯାୟୀ ସୀମା କ୍ଷେତ୍ର ନିର୍ଦ୍ଧାରଣ ପାଇଁ କାର୍ଯ୍ୟାନୁଷ୍ଠାନ ନୂତନ ଭାବରେ ଆରମ୍ଭ କରିବେ, ସଂଶୋଧନ ଅଧିନିୟମ ଦ୍ୱାରା ସଂଶୋଧିତ ମୁଖ୍ୟ ଅଧିନିୟମର ଧାରା 9 ର ଉପ-ଧାରା (2) ଅନୁଯାୟୀ ଏକ ନୋଟିସ ଜାରି କରି ମୁଖ୍ୟ ଅଧିନିୟମ ଅନୁଯାୟୀ ସୀମା ପ୍ରଥମେ ସ୍ଥିର କରାଯିବା ଉଚିତ ଯେପରି ଏହା ସଂଶୋଧନ ଅଧିନିୟମ ଦ୍ୱାରା ଏହାର ସଂଶୋଧନ ପୂର୍ବରୁ ଥିଲା । ତା'ପରେ, ସଂଶୋଧନ ଅଧିନିୟମ ଅନୁଯାୟୀ ସୀମା କ୍ଷେତ୍ର ପୁନଃ ନିର୍ଦ୍ଧାରଣ କରାଯିବା ଉଚିତ । ଏହି ସର୍ତ୍ତାବଳୀ ସୀମା କ୍ଷେତ୍ର ନିର୍ଦ୍ଧାରଣ ପାଇଁ ଏବଂ ଏହା କରିବା ପାଇଁ ଆବଶ୍ୟକ ପ୍ରକ୍ରିୟା ପ୍ରଦାନ କରେ ।

ରାଜ୍ୟ ଆବେଦନରେ ପ୍ରତିବାଦୀମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ସି.ଏ. ସଂଖ୍ୟା 1383/78 ରେ ସଂଲଗ୍ନକ 'E' ଭାବରେ ଅଭିଲେଖରେ 24.2.1975 ରେ ବିହିତ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ, ସଂଶୋଧନ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ବିହିତ କର୍ତ୍ତୃପକ୍ଷ ସୀମା କ୍ଷେତ୍ର ପୁନଃ ନିର୍ଦ୍ଧାରଣ  କରିଥିଲେ । ପୁନଃ ନିର୍ଦ୍ଧାରଣ ଅଧିନିୟମ ଅନୁଯାୟୀ ହେଉଛି କି ନାହିଁ ତାହା ଆମ୍ଭ ସମ୍ମୁଖରେ ଏକ ବିବାଦ ନୁହେଁ । ତେଣୁ, ଏହା ଭିତରକୁ ଯିବାର ଆବଶ୍ୟକତା ନାହିଁ କାରଣ କାର୍ଯ୍ୟାନୁଷ୍ଠାନ ସଂଶୋଧନ ଅଧିନିୟମ ଅଧୀନରେ ନେବାକୁ ପଡିବ । ଆଇନ

ଅଧୀନରେ ପ୍ରତିକାର କରିବା ପାଇଁ ରାଜ୍ୟ କିମ୍ବା ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପାଇଁ ଏହା ଉନ୍ମୁକ୍ତ ରହିବ । ବର୍ତ୍ତମାନର ଆବେଦନଗୁଡ଼ିକ ସମ୍ପର୍କରେ, ଧାରା 19 ର ପରିଣାମସ୍ୱରୂପ, ସେଗୁଡ଼ିକ ସମାପ୍ତ ହୋଇଛି ।

ତେଣୁ ଆବେଦନଗୁଡ଼ିକୁ ଖାରଜ କରାଯାଇଛି, କିନ୍ତୁ ପରିସ୍ଥିତିରେ, ବିନା କୌଣସି ଖର୍ଚ୍ଚରେ ।

ଆର.ଏ.

ଆବେଦନଗୁଡ଼ିକୁ ଖାରଜ କରାଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**